# ବିଜୁଙ୍କ ଛୁରା (୭)

**ସୁଭାଷ ଚନ୍ଦ୍ର ପଟ୍ଟନାୟକ**
**ଅଧ୍ୟକ୍ଷ, ଭାଷା ଆନ୍ଦୋଳନ, ଓଡ଼ିଶା**

କାମରାଜ ଯୋଜନା ବାହାନାରେ ଗାଦି ଛାଡ଼ିବାକୁ ଘୋଷିତ ହୋଇସାରିଥିବା ହେତୁ ବିଦାୟମୁଖୀ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶା ସରକାରୀ ଭାଷା ଆଇନ ପରି ସମ୍ବିଧାନ ପରିସୃଷ୍ଟ ଏକ ଆଇନରେ ୧୯୬୩ରେ ଯେଉଁ ସଂଶୋଧନ ଘଟାଇଲେ ତାହା ଥିଲା ସଂପୂର୍ଣ୍ଣ ଅନୈତିକ, କାରଣ. ଦଳୀୟ ସଂଗଠନକୁ ମଜଭୁତ କରିବାପାଇଁ ଅଧିକ ସମୟଦେବାକୁ ଡାକରା ଆସିଥିବା ହେତୁ ସେ କ୍ଷମତା ଛାଡୁଥିବା ଯେତେ ପ୍ରଚାରିତ ହେଉଥିଲେ ମଧ୍ୟ, ବାସ୍ତବ କାରଣ ଥିଲା ଭିନ୍ନ ।

ସେ ନିଜ ଆର୍ଥିକ ଫାଇଦାପାଇଁ ମୁଖ୍ୟମନ୍ତ୍ରୀ ପଦର ନାନା ଦୁରୁପଯୋଗ କରୁଥିବାର ଏତେ ଅକାଟ୍ୟ ଓ ବିପୁଳ ପରିମାଣର ପ୍ରମାଣ କେନ୍ଦ୍ର ନେତୃତ୍ୱ ନିକଟରେ କୁଢ଼େଇହୋଇ ପଡୁଥିଲା ଯେ , ଏବଂ ତାଙ୍କ ଦୁରାଚାର ବିରୁଦ୍ଧରେ ଓଡ଼ିଶାରେ ଏପରି ଏକ ଅଦମ୍ୟ , ଜ୍ୱାଳାମୟ ଛାତ୍ର ଆନ୍ଦୋଳନ ଲେଲିହାନ୍ ହୋଇଉଠିଥିଲା ଯେ, ଓଡ଼ିଶା ରାଜନୀତି-ନଭରୁ ସଂପୂର୍ଣ୍ଣ ଅସ୍ତ ହୋଇଯିବା ଭୟରେ ଜାତୀୟ କଙ୍ଗ୍ରେସ ଦଳ ତାଙ୍କୁ କାମରାଜ ଯୋଜନା ଆଳରେ କ୍ଷମତାରୁ ବିତାଡ଼ିତ କରିବାକୁ ବ୍ୟଗ୍ର ଥିଲା ।

ବିଧାନସଭାର ସଜ୍ଜନ ସଦସ୍ୟମାନେ ଅଧିକାଂଶତଃ ଚାହୁଁଥିଲେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଓ ତ୍ୟାଗବୀର ପବିତ୍ରମୋହନ ପ୍ରଧାନ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ବିଜୁ ଚାହୁଁଥିଲେ, ତାଙ୍କ ପ୍ରିୟ ଅଂଶୀଦାର ବିରେନ୍ ମିତ୍ର ତାଙ୍କ ଉତ୍ତରାଧିକାରୀ ହୁଅନ୍ତୁ ; କାରଣ, ତଦ୍ୱାରା ସେ କରିଥିବା ବେଆଇନ କାମଗୁଡ଼ିକ ଆଇନ ଆଖିରୁ ଲୁଚିଯାଇପାରିବ । କଂଗ୍ରେସ ହାଇକମାଣ୍ଡ ସେଥିପାଇଁ ସମ୍ମତ ହେବାକୁ ସମୟ ଲାଗୁଥିଲା ଓ ସେ ଦିଗରେ ପଶ୍ଚିମବଙ୍ଗର ଅତୁଲ୍ୟ ଘୋଷ ଉଦ୍ୟମ ଚଳାଇରଖିଥିଲେ । ତେଣୁ ତାଙ୍କ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ବଛା ହେବା ପର୍ଯ୍ୟନ୍ତ ସେ କାମଚଳା ସ୍ଥିତିରେ ନାମକୁମାତ୍ର ପଦବୀରେ ଥିଲେ । ଏପରି ଅବସ୍ଥାରେ, ବିଧାନସଭାରେ କଙ୍ଗ୍ରେସର ସଂଖ୍ୟାଗରିଷ୍ଠତାର ସୁଯୋଗ ନେଇ, ଓଡ଼ିଶାର ପିଣ୍ଡ-ଆଇନ ଭାବେ ସମ୍ମାନିତ ଓଡ଼ିଶା ସରକାରୀ ଭାଷା ଆଇନରେ ସଂଶୋଧନ କରାଇବା ଯେ ଥିଲା ତାଙ୍କ ପକ୍ଷେ ଅତ୍ୟନ୍ତ ଅନୈତିକ ତାହା ପ୍ରଶ୍ନାତୀତ । ମାତ୍ର ସର୍ବବିଧ ଅନୈତିକ କାମ କରିବାରେ ବିଜୁଥିଲେ ସିଦ୍ଧହସ୍ତ । ଖାନା କମିଶନ ତାଙ୍କର ବହୁଚର୍ଚ୍ଚିତ ପ୍ରଶାସନିକ ଆଚରଣକୁ ଅନୈତିକ ("acts of impropriety") ବୋଲି ଆଖ୍ୟା ଦେଇଛନ୍ତି ।

## ବେଆଇନ ସଂଶୋଧନ

ଓଡ଼ିଆ ଭାଷାକୁ ଛୁରୀକାବିଦ୍ଧ କରିବାପାଇଁ ବିଜୁ ପଟ୍ଟନାୟକ ଏହି ଯେଉଁ ସଂଶୋଧନ ଘଟାଇଲେ ତାହା କେବଳ ଅନୈତିକ ନଥିଲା , ଥିଲା ବି ବେଆଇନ । ଆସନ୍ତୁ ଯିବା ୧୯୬୩ର ସେପ୍ଟେମ୍ବର ୨୭ ତାରିଖକୁ । ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ବିଧେୟକ, ୧୯୬୩ (The Orissa Official Language (Amendment) Bill, 1963) ଥିଲା ବିଧାନସଭା ସମ୍ମୁଖରେ ।

ଅଧ୍ୟକ୍ଷ ଗଦାଧର ଦତ୍ତ ଆଦେଶ ଦେଲେ, "Biren Mitra to move" (ବିରେନ୍ ମିତ୍ର ଆଗତ କରନ୍ତୁ) । ମିତ୍ର ତାହା କଲେନାହିଁ । ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କହିଲେ, "Sir, I beg to move the Orissa Official Language (amendment) Bill, 1963, be taken into consideration" (ମହାଶୟ, ମୁଁ ପ୍ରାର୍ଥନା କରୁଛି କି, ଓଡ଼ିଶା ସରକାରୀ

ଭାଷା (ସଂଶୋଧନ) ବିଧେୟକ, ୧୯୬୩ ଉପରେ ବିଧାନସଭା ବିଚାର କରୁ । ଅତଏବ, ବିଧାନସଭାରେ ବିରେନ ମିତ୍ର ବିଧେୟକଟିକୁ ଆଗତ କରିନଥିଲେ । ଅଧ୍ୟକ୍ଷଙ୍କ ଆଦେଶକୁ ଭ୍ରୂକ୍ଷେପ ନକରି, ମୁଖ୍ୟମନ୍ତ୍ରୀ ଭାବେ ଉଭା ହୋଇ, ବିଧିବଦ୍ଧଭାବେ ଆଗତ ହୋଇନଥିବା ସେହି ବିଧେୟକଟି ଉପରେ ବିଧାନସଭା ବିଚାର କରୁ ବୋଲି ବିଜୁ ସେଦିନ ଅଧ୍ୟକ୍ଷଙ୍କୁ ଏକପ୍ରକାର ବାଧ୍ୟ କରିଥିଲେ ।

ନିଜ ଅଭିସନ୍ଧି ସପକ୍ଷରେ ବିଜୁ କଣ କହିଥିଲେ ତାହା ପରେ ଅନୁଧ୍ୟାନ କରିବା । ମାତ୍ର ବିଧେୟକଟି ସ୍ୱୟଂ ଯେ କିପରି ବେଆଇନ ଥିଲା , ତାହା ପ୍ରଥମେ ଦେଖିବା ।

ଏହି ପ୍ରତିବେଦନର ପୂର୍ବଭାଗ (ସୂର୍ଯ୍ୟପ୍ରଭା, ୧୫. ୪. ୨୦୧୭)ରେ ଏହି ସଂଶୋଧନ-ବିଧେୟକର ଯେଉଁ ଭାଷା ଉଦ୍ଧୃତ ହୋଇଛି , ତାହାର ଆପାତତଃ ଅର୍ଥ ହେଲା - ଓଡ଼ିଶା ସରକାରୀ ଭାଷା ଆଇନ, ୧୯୫୪ର ଧାରା ୩ ପରେ ଏହି ନୂତନ ଧାରା ଯୋଡ଼ାହେବ -

*ଧାରା ୩-କ । ଭାରତୀୟ ସମ୍ବିଧାନ ପ୍ରବର୍ତ୍ତିତ ହେବାର ପନ୍ଦର ବର୍ଷ ଅତିକ୍ରାନ୍ତ ହୋଇଯିବା ପରେ ବି , ଓଡ଼ିଆ ଅଧିକନ୍ତୁ, ଇଂରାଜୀ ଭାଷା ୧୯୬୫ ଜାନୁଆରୀ ମାସର ୨୬ ତାରିଖ ଠାରୁ ଓଡ଼ିଶା ବିଧାନସଭାର କାର୍ଯ୍ୟସଂପାଦନରେ ଯଥାବତ୍ ବ୍ୟବହୃତ ହୋଇପାରେ ।*

ପ୍ରାୟ ଦୁଇବର୍ଷ ପରେ ଯାହା ବ୍ୟବହୃତ ହୋଇପାରେ ତାହାକୁ ଏପରି ଅଶୁଦ୍ଧ ଶୈଳୀରେ ପାରିତ କରାଇନେବା ପାଇଁ କ୍ଷମତାର ପ୍ରସ୍ଥାନଦ୍ୱାରରେ ପାଦ ରଖିସାରିଥିବା ବିଜୁ ଏତେ ତରତର ଥିଲେ କାହିଁକି ? ସୁନିଶ୍ଚିତ, ଓଡ଼ିଆ ଜାତି ଉପରେ ପ୍ରତିଶୋଧ ନେବାପାଇଁ ; କାରଣ, ମୁଖ୍ୟମନ୍ତ୍ରୀ ଗାଦିରେ ବର୍ଷଟିଏ ପୂରଣ ନକରୁଣୁଁ କ୍ଷମତା ବଳରେ ଧନକୁବେର ବନିବାକୁ ତାଙ୍କ ସ୍ୱପ୍ନକୁ ପଦାଘାତ କରି ଯେଉଁ ଓଡ଼ିଆ ଜାତି ତାଙ୍କୁ କ୍ଷମତାରୁ ନିକାଲି ଦେବାକୁ ଆନ୍ଦୋଳନ ଚଳାଇଥିଲା , ସେହି ଓଡ଼ିଆ ଜାତିର ପ୍ରାଣପ୍ରିୟ ଥିଲା ତାର ମାତୃଭାଷା ଓ ସେହି ଭାଷାକୁ ଅକାମୀ କରାଇଦେବା ମାନେ ହେଲା ଓଡିଆ ଜାତିକି ଅଚଳ କରାଇଦେବା ।

ଏହି ଅବୈଧ ବିଧେୟକର ବିତର୍କରେ କିଏ କଣ କହିଲେ ତାହା ପରେ ଦେଖିବା । ମାତ୍ର ଏହି ବିଧେୟକ କାହିଁକି ଅବୈଧ ଥିଲା ତାହା ପ୍ରଥମେ ଦେଖାଯାଉ ।

ଆଇନଟି ୧୯୫୪ରେ ପାରିତ ହୋଇ ତତ୍କାଳ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ, କେତେକ ବୈଷୟିକ କାରଣ ହେତୁ କେଉଁ ବିଭାଗରେ କେଉଁ ତାରିଖରୁ ତାହା ଅଲଂଘ୍ୟ ହେବ ତାହା ପରବର୍ତ୍ତୀ ଅଧିସୂଚନା ଦ୍ୱାରା ଧାର୍ଯ୍ୟ ହେବ ବୋଲି ବିଧିକୃତ ହୋଇଥିଲା । ସେହି ବିଧାନସଭାରେ ସଭ୍ୟ ଥିବା ବିଜୁ ଆମ ଭାଷାପ୍ରତି ଏତେ ବୀତସ୍ପୃହ ଥିଲେ ଯେ, ସେ ସେହି ଐତିହାସିକ ବିତର୍କରେ ଅଂଶ ଗ୍ରହଣ କରିନଥିଲେ । ମାତ୍ର ସେ ଜାଣିଥିଲେ, ଅଧିସୂଚନା ଦ୍ୱାରା କ୍ରିୟାଶୀଳ ହେବାକୁ ଅପେକ୍ଷା କରିଥିଲେ ମଧ୍ୟ, ଓଡ଼ିଶାର ପ୍ରଥମ ନିର୍ବାଚିତ ବିଧାନସଭାର ଜରାୟୁରୁ ନିର୍ଗତ ହେଇଥିବା ଓଡ଼ିଶା ସରକାରୀ ଭାଷା ଆଇନ , ୧୯୫୪ ତାର ଜନ୍ମଲଗ୍ନରୁ ହିଁ ଓଡ଼ିଶା ପ୍ରଶାସନରେ ଇଂରାଜୀ ଭାଷାର ସତ୍ତା ସଂହାର କରିସାରିଥିଲା । ଏହାର ତାତ୍ପର୍ଯ୍ୟ ଅବଗତିପାଇଁ ଭାରତୀୟ ସମ୍ବିଧାନର ସରକାରୀ ଭାଷା ବ୍ୟବସ୍ଥା ଭିତରକୁ ଯିବାକୁ ହେବ । ଆମ ପାଇଁ ୩୪୫ ଧାରାର ଅନୁଧ୍ୟାନ ଆବଶ୍ୟକ । ଏହା ହେଲା -

"Subject to the provisions of Article 346 and 347, the Legislature of a State may by law adopt any one or more of the languages in use in the State or Hindi as the language or languages to be used for all or any of the official purposes of that State:

Provided that, until the Legislature of the State otherwise provides by law, the English language shall continue to be used for those official purposes within the State for which it was being used immediately before the commencement of this Constitution".

ଆମ ଭାଷାରେ ଏହାର ପ୍ରଯୁଜ୍ୟ ଅର୍ଥ ହେଲା, ଯେଉଁପର୍ଯ୍ୟନ୍ତ ଭାରତର କୌଣସି ପ୍ରଦେଶ ତାର ପ୍ରାଦେଶିକ ଭାଷାକୁ ସରକାରୀ ଭାଷା ଭାବେ ଧାର୍ଯ୍ୟ କରି ନିଜର  ସରକାରୀ ଭାଷା ଆଇନ ନକରିଛି, ସେପର୍ଯ୍ୟନ୍ତ ସମ୍ବିଧାନ ପ୍ରବର୍ତ୍ତନ ପୂର୍ବରୁ ଯେଉଁ ଯେଉଁ କ୍ଷେତ୍ରରେ ଇଂରାଜୀ ଭାଷା ବ୍ୟବହୃତ ହେଉଥିଲା, ସେହି ସେହି କ୍ଷେତ୍ରରେ ଇଂରାଜୀ ଭାଷା ବ୍ୟବହୃତ ହୋଇଚାଲିବ ।

ଏତଦ୍ଦୃଷ୍ଟିରୁ, ଓଡ଼ିଶା ସରକାରୀ ଭାଷା ବିଧେୟକ, ୧୯୫୪ ଓଡ଼ିଶା ବିଧାନସଭାରେ ପାରିତ ହୋଇ, ଆଇନର ରୂପ ନେବା ମୁହୂର୍ତ୍ତରୁ ହିଁ ଆଇନ ସମ୍ମତ ସରକାରୀ ଭାଷା ଭାବେ ଇଂରାଜୀ ଭାଷା ଲୋପ ହୋଇସାରିଥିଲା । ଅତଏବ, ଓଡ଼ିଶା ସରକାରୀ ଭାଷା ଆଇନ, ୧୯୫୪ର ସଂଶୋଧନ କରାଇ ଇଂରାଜୀ ଭାଷାକୁ ପୁନଃ ପ୍ରବର୍ତ୍ତୀତ କରିବାର ଅଧିକାର ବିଜୁ ପଟ୍ଟନାୟକଙ୍କର ନଥିଲା । (କ୍ରମଶଃ)

**ସଂପର୍କ : ୯୪୩୭୭୩୦୮୫୮୯**

tigiriaa@gmail.com